## ସଂକ୍ଷେପରେ

### ଦୁର୍ଘଟଣାରେ ୧୫ ଆହତ, ୪ ଗୁରୁତର

ବୈପାରିଗୁଡ଼ା, ୪।୮(ଡି.ଏନ୍.ଏ.) - ବୈପାରିଗୁଡ଼ା ଥାନା ଅଧୀନ ମନ୍ତ୍ରୀଆମ୍ବ ନିକଟରେ ଗୁରୁବାର ଏକ ଅଟୋ ଓଲଟି ସେଥିରେ ଥିବା ୧୫ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଖବରପାଇ ନିକଟରେ ଥିବା ୧୫୧ ବାଟାଲିୟନର ଯବାନ ସେଠାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ଆଣିଛନ୍ତି। ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ୪ ଜଣଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ଘାସି ଶିଶା(୧୮), ଗାଡି ଚାଳକ ବିଶୁ ବଡନାୟକ ,ଦିନୁ କିର୍ଷାନି (୧୫) ଏବଂ ବୁଦୁ ପାଙ୍ଗୀ(୧୫)। ସମସ୍ତଙ୍କ ଘର ବୈପାରୀଗୁଡା କୋଲାର ପଞ୍ଚାୟତ ଖାରିବେଡା ଗ୍ରାମରେ। ପ୍ରକାଶ ଯେ ଦୁର୍ଘଟଣାର ଶିକାର ହୋଇଥିବା ଏକ ଅଟୋ (ଓଡି-୧୦ଇ-୧୮୫୫ ) ଖାରିବେଡା ଗ୍ରାମର ୧୫ ଜଣ ଯାତ୍ରୀଙ୍କୁ ଧର ଟାଙ୍ଗିଣିଗୁଡା ଗ୍ରାମ ଅଭିମୁଖେ ଆସୁଥିଲା। ମନ୍ତ୍ରୀଆମ୍ବ ନିକଟରେ ଏକ ବାଇକକୁ ସାଇଡ୍ ଦେବା ବେଳେ ନିୟନ୍ତ୍ରଣ ହରାଇ ତାହା ଓଲଟି ପଡିଥିଲା। କ୍ଷମତା ଠାରୁ ଅଧିକ ଯାତ୍ରୀ ଥିବାରୁ ଏପରି ହୋଇଥିବା କୁହାଯାଉଛି । ଏ ନେଇ ବୈପାରୀଗୁଡା ଥାନାରେ ମାମଲା ରୁଜୁ କରାଯିବା ସହ ଘଟଣାର ତଦନ୍ତ ଚାଲିଛି।

### ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଜବତ

କୋଟପାଡ଼,୪।୮ (ଡି.ଏନ. ଏ. )- କୋରାପୁଟ ଜିଲ୍ଲା କୋଟପାଡ଼ଠାରୁ ୧୦ କି ମି ଦୂର ଏସବି, ନୁଆଁଗାଁ ପଞ୍ଚାୟତରେ ବୁଧବାର ଜଣେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି । ଏସ, ବି, ନୁଆଁ ଗାଁ ଗ୍ରାମର ରାସ୍ତା ପାର୍ଶ୍ୱରେ ଭାସ୍କର ରାଓଙ୍କ ଘରେ ଗତ କିଛି ଦିନ ଧରି ଶିକ୍ଷକ ଜଣକ ଭଡାରେ ରହି ଆସୁଥିଲେ । ଗତ ଦୁଇ ମାସ ତଳେ ସେ ବିବାହ କରିଥିଲେ। ବୁଧବାର ଏହି ଘର ଉପର ମହଲାର ରିଲିଂରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଗ୍ରାମବାସୀ ଓ ଘୋର ମାଲିକ ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ କୋଟପାଡ଼ ଥାନା ଅଧିକାରୀ ଶେଷଦେବ ବେହେରା ପହଞ୍ଚି ଅନୁଧାନ କରିବା ପରେ ତାଙ୍କ ମୃତଦେସହ ଉଦ୍ଧାର କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଲିସର ପ୍ରାଥମିକ ତଦନ୍ତ ଅନୁସାରେ ଶିକ୍ଷକ ଜଣକ ମାନସିକ ଅସନ୍ତୋଷରୁ ଆତ୍ମହତ୍ୟା କରି ଥାଇ ପାରନ୍ତି ବୋଲି କୁହାଯାଉଛି। ତାଙ୍କ ମୃତଦେହକୁ କୋଟପାଡ଼ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ଆଣି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ମୃତ ଶିକ୍ଷକ ଜଣକ ହେଲେ ନକୁଳ ସାହୁ। ସେ ଆଠଗଡ଼ ଅଞ୍ଚଳର ବୋଲି ଜଣାପଡିଛି। ତେବେ ଏହା ହତ୍ୟା କି ଆତ୍ମହତ୍ୟା ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଣ୍

### ଫାଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

କାଳିମେଳା, ୪.୮(ଡି ଏନ ଏ )- ମାଲାକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ହାଟପଦା ଅଞ୍ଚଳରେ ରହୁଥିବା ୨୨ ବର୍ଷୀୟ ଜଣେ ଯୁବକ ନିଜ ଘରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅଜୟ କୁମାର ଗୌଡ। ତାଙ୍କ ଆତ୍ମହତ୍ୟାର ସଠିକ କାରଣ ଜଣାପଡିନି। କାଲିମେଳା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଯୁବକଙ୍କ ବାପା ହରି ଗୌଡଙ୍କ କହିବା ଅନୁଯାୟୀ, ପୁଅ ଅଜୟ ଦିନ ମଜୁରିଆ ଭାବେ କାମ କରୁଥିଲେ। ବୁଧବାର ରାତିରେ ଅଜୟ ଖାଇ ସାରି ଏକ କଠୋରୀରେ ଶୋଇଥିଲେ। ଗୁରୁବାର ସକାଳେ ତାଙ୍କ ବାପା ଅନ୍ୟ ଏକ କାମକୁ ବାହାରକୁ ଚାଲିଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ପୁଅ କବାଟ ନ ଖୋଲିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ । ପରେ ଝରକା ବାଟେ ପୁଅ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ସେ କାହିକିଁ ଆତ୍ମହତ୍ୟା କଲେ ଏ ନେଇ ପରିବାର ଲୋକେ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି।

### ଉନ୍ନତିମୂଳକ କାର୍ଯ୍ୟ ତଦାରଖ କଲେ ସରପଞ୍ଚ,ପିଇଓ

ଏମଭି ୭୯,୪।୮(ଡି.ଏନ.ଏ)-ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଲୁଗେଲ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ତଦାରଖ କରିଛନ୍ତି ସରପଞ୍ଚ ଏବଂ ପିଇଓ। ଏବେ ବିଭିନ୍ନ ସ୍ଥାନରେ କାର୍ଯ୍ୟରେ ଅନିୟମିତତା ଓ ଅବହେଳା ଅଭିଯୋଗ ଆସୁଥିବାରୁ ଲୁଗେଲ ପଞ୍ଚାୟତରେ ଯେପରି ଏଭଳି ଘଟଣା ନ ଘଟେ ସେଥିପାଇଁ ଲୁଗେଲ ସରପଞ୍ଚ ବଜା ସୋଡି, ପିଇଓ ସାଏଦ ରଫିକ,କନିଷ୍ଠଯନ୍ତ୍ରୀ ଦିବ୍ୟସିଂହ ବ୍ରହ୍ମା, ଜିଆରଏସ୍ ଜୟନ୍ତ ଠାକୁର, ଭଣ୍ଡାରୀଗୁଡା ୪୭ ଗ୍ରାମର ଅମୃତସରବର କାର୍ଯ୍ୟ ତଦାରଖ କରିଥିଲେ । ଏହାବ୍ୟତୀତ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା।

# ଷ୍ଟାଡିୟମ ପୁନରୁଦ୍ଧାର ଦାବିରେ କାଳିମେଳା ବନ୍ଦ

କାଲିମେଳା, ୪।୮(ଡି.ଏନ. ଏ.)



ଧାରଣାରେ ବସିଥିବା ଅଞ୍ଚଳବାସୀ।

ମାଲକାନଗିରି ଜିଲା କାଲିମେଳା ବ୍ଲକ ସଦର ମହକୁମା ତହସିଲ କାର୍ଯ୍ୟାଳୟକୁ ଲାଗି ରହିଥିବା ମିନି ଷ୍ଟାଡିୟମକୁ ନେଇ ବିବାଦ ଦେଖା ଦେଇଛି। ଚଞ୍ଚକତା କରି କିଛି ଜମି ଦଲାଲ ଷ୍ଟାଡିୟମର ଜମି ପଟ୍ଟା ହାତେଇ ଏହାକୁ ଦଖଲ କରିବା ଘଟଣା ଏବେ ଉଗ୍ର ରୂପ ଧାରଣ କରିଛି। ମିନି ଷ୍ଟାଡିୟମ ବିବାଦକୁ କେନ୍ଦ୍ର କରି ଗୁରୁବାର କାଲିମେଳାଠାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ୪୦ ବର୍ଷରୁ ଉର୍ଦ୍ଧ ସମୟ ଧରି ଏହି ସ୍ଥାନରେ ମିନି ଷ୍ଟାଡିୟମ କାର୍ଯ୍ୟ କରୁଥିବା ବେଳେ ଏଠାରେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି । ଏହା ସତ୍ୱେ ମିନି ଷ୍ଟାଡିୟମକୁ କିଭଳି ପଟ୍ଟା ପ୍ରଦାନ କରାଗଲା ସେ ନେଇ ଅଞ୍ଚଳବାସୀ ପ୍ରଶ୍ନଉଠାଇଛନ୍ତି। ଧୀରେ ଧୀରେ ଏହି ବିବାଦ ଉଗ୍ର ରୂପ ନେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ମିନି ଷ୍ଟାଡିୟମ ବାବଦରେ କିଣାବିକା ହୋଇଥିବା ସମସ୍ତ କାଗଜପତ୍ର ଓ ପଟ୍ଟାକୁ ତୁରନ୍ତ ବାତିଲ କରିବା ଦାବରେ ଗୁରୁବାର କାଲିମେଳାରେ ବନ୍ଦ ପାଳନ କରାଯାଇଥିଲା । କାଲିମେଳା ଅଞ୍ଚଳର ସମସ୍ତ ଯୁବଗୋଷ୍ଠୀ ଓ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ଅଞ୍ଚଳର ସମସ୍ତ ଦୋକାନ ବଜାର ଓ ଅନ୍ୟାନ୍ୟ ବ୍ୟବସାୟ ଅନୁଷ୍ଠାନ ବନ୍ଦ ରହିଥିଲା । ବନ୍ଦ ଡାକରା ଯୋଗୁ ଗୁରୁବାର କାଲିମେଳା ସର୍ବ ବୃହତ ସାପ୍ତାହିକ ହାଟ ମଧ ବନ୍ଦ ଥିଲା । ଏହି ମିନି ଷ୍ଟାଡିୟମକୁ ରକ୍ଷା କରିବା ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ସହଯୋଗ କରୁଥିବା ଅଭିଯୋଗ ହୋଇଥିଲା। ଉକ୍ତ ଷ୍ଟାଡିୟମର ମୁଖ୍ୟ ପଟ୍ଟାଧାରୀ ଏମପିଭି-୭୫ ଗ୍ରାମର ମନୋରଞ୍ଜନ ରାୟ ଓ ବିମଲ ବିଶ୍ୱାସଙ୍କ ବାପାଙ୍କ ନାମରେ ଏହି ପଟ୍ଟା ରହିଥିବା ବେଳେ ମନୋରଞ୍ଜନଙ୍କ ଜମିକୁ ଏମଭି-୧ ଗ୍ରାମର ରାମ ପ୍ରସାଦ ଭଦ୍ର ଓ ବିମଲଙ୍କ ଜମିକୁ ଏମଭି-୪୫ ଗ୍ରାମର ଆନନ୍ଦ ମାଲାକାର କିଣିଥବା ଜଣାପଡିଛି । ଗତ ମେ ମାସରେ ମାଲାକାନଗିରି ଉପଜଲାପାଳଙ୍କ ନିର୍ଦ୍ଦେଶରେ କାଲିମେଳା ତହସିଲ ପକ୍ଷରୁ ଏହି ୨ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଉକ୍ତ ଜମିକୁ ଡିମାରକେସନ କରି ଦୁଇ କ୍ରେତାଙ୍କୁ ଜମିର ଏରିଆ ଚିହ୍ନଟ କରିଥିଲେ । ପରେ ବର୍ତ୍ତମାନର ଜମି ମାଲିକ ରାମ ପ୍ରସାଦ ଓ ଆନନ୍ଦ ବର୍ତ୍ତମାନ ଷ୍ଟାଡିୟମ ଜମିକୁ ଚାଷ କରିବା ଉଦ୍ଦେଶ୍ୟରେ ହଳ କରିଥିବା ଦେଖିବାକୁ ମିଳିଥିଲା । ଏହି ଷ୍ଟାଡିୟମର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କାଲିମେଳାର ବହୁ ପୁରାତନ ଭୈରବୀ ଯୁବକ ସଙ୍ଗ କର୍ମକର୍ତ୍ତାମାନେ ଜାଣି ଏହାକୁ ବିରୋଧ କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣ ମଧ ସାମିଲ ହୋଇଥିଲେ। ଗୁରୁବାର ଧାରଣାରେ ବସିଥିବା ବ୍ୟକ୍ତିମାନେ କହିଛନ୍ତି ଯେ, ଦୀର୍ଘ ସମୟ ଧରି ସେ ସ୍ଥାନରେ ଷ୍ଟାଡିୟମ ଚାଲୁଥିବା ବେଳେ ପଟ୍ଟାଧାରୀଙ୍କ ଦେଖା ନ ଥିଲା । ଏବେ ସେହି ଜମିକୁ କିଛି ଦଲାଲ ଜାଲିଆତି କରି ହାତେଇଛନ୍ତି। ଷ୍ଟାଡିୟମରେ ବ୍ଲକ ସ୍ତରୀୟ କ୍ରୀଡାଠାରୁ ଆରମ୍ଭ କରି ଅନ୍ୟରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ହେଉଛି। ଏହାର ତଦନ୍ତ କରି ତୁରନ୍ତ ଜମିକୁ ଷ୍ଟାଡିୟମକୁ ଫେରାଇ ଆଣିବାକୁ ଦାବି କରାଯାଇଛି। ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଧାରଣାରେ ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ ହୋଇଥିଲେ। ଅପରାହ୍ନରେ କାଲିମେଳାରୁ ଏକ ଟିମ ମାଲାକାନଗିରି ଗସ୍ତ କରି ଜିଲାପାଳଙ୍କୁ ଦାବିପତ୍ର ଦେଇଥିବା ଜଣାପଡିଛି।

## ୨ ଅଭିଯୁକ୍ତଙ୍କୁ ଆଜୀବନ, ଜଣଙ୍କୁ ୩ ବର୍ଷ କାରାଦଣ୍ଡ

ରାୟଗଡ଼ା ଅଫିସ,୪।୮-

**ବଳାତ୍କାର ଓ ହତ୍ୟା ମାମଲା**

ଜଣେ ଯୁବତୀଙ୍କୁ ପ୍ରେମରେ ଫସାଇ ବଳାତ୍କାର ପରେ ସହଯୋଗୀଙ୍କ ସହ ମିଶି ହତ୍ୟା କରିବା ଘଟଣାର ଶୁଣାଣି କରି ଗୁରୁବାର ରାୟଗଡ଼ା ଜିଲା ଦୌରାଜଜ୍ ବିକ୍ରମ କେଶରୀ ପଟ୍ଟନାୟକ ୨ ମୁଖ୍ୟ ଅଭିଯୁକ୍ତଙ୍କୁ ଅଜୀବନ ସଶ୍ରମ କାରାଦଣ୍ଡ ଏବଂ ସହଯୋଗୀଙ୍କୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ କୁମାର ସାଉନ୍ତା ଓ ଚକ୍ର ଦାନି।

୨୦୧୬ ରେ କୋରାପୁଟ ଜିଲା କାକିରିଗୁମ୍ମା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ କାପସିପୁଟ ଗ୍ରାମର ଜଣେ ଯୁବକ ପ୍ରେମ ଜାଲରେ ଫସାଇଥିଲେ। ୨୦୧୬ ଅକ୍ଟୋବର ୩ ରେ ଯୁବକ ଜଣକ ଯୁବତୀଙ୍କୁ ଫୋନ୍ କରି ଡାକିଥିଲେ। ପାଖରେ ଗାଡ଼ି ନ ଥିବାରୁ ନିକଟସ୍ଥ ଗ୍ରାମରେ ରହୁଥିବା ସାଙ୍ଗଙ୍କ ବାଇକ ଯୋଗେ ପ୍ରେମିକାକୁ ଡୟାପୁଟ ଗ୍ରାମ ନିକଟସ୍ଥ ନୀଳଗିରି ଜଙ୍ଗଲକୁ ନେଇଥିଲେ। ସେଠାରେ ପ୍ରେମିକ ବୋଲାଉଥିବା ଯୁବକ ସାଙ୍ଗ ସହ ମିଶି ଯବତୀଙ୍କୁ ବଳାତ୍କାର କରିଥିଲେ। ଏହାପରେ ଉଭୟେ ମିଶି ଯୁବତୀଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ। ପରେ ନିକଟସ୍ଥ ରେଳଧାରଣାରେ ମୃତଦେହ ଫୋପାଡ଼ି ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲେ। ଉକ୍ତ ରେଳଧାରଣାରେ ଯାଉଥିବା ଟ୍ରେନ୍ ଚାଳକ ଏହାଦେଖି ରେଳବାଇ ପୋଲିସକୁ ଖବର ଦେଇଥିଲେ। ସେହିପରି ଯୁବତୀଙ୍କ ପରିବାର ଲୋକେ ମଧ ଝିଅର ନିଖୋଜ ନେଇ ଥାନାରେ ଏତଲା ଦେଇଥିଲେ ଏବଂ ମୃତଦେହ ଦେଖି ହତ୍ୟା ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ କୁମାର ସାଉନ୍ତା ଓ ସହଯୋଗୀ ଚକ୍ର ଦାନିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ କୋରାପୁଟରେ ଓକିଲମାନଙ୍କ ଆନ୍ଦୋଳନ ଚାଲିଥିବା ଯୋଗୁ ମାନ୍ୟବର ହାଇକୋର୍ଟରେ ଅଭିଯୁକ୍ତମାନଙ୍କ ଜାମିନ ପାଇଁ ଆବେଦନ କରାଯାଇଥିଲା। ଘଟଣାକୁ ଦୃଷ୍ଟିରେ ରଖି ହାଇକୋର୍ଟଙ୍କ ଆଦେଶ ପ୍ରକାରେ ମାମଲାର ଶୁଣାଣୀ ନିମନ୍ତେ ୨୦୧୯ ରେ ରାୟଗଡ଼ା ଜିଲା ଦୌରାଜଜ୍ କୋର୍ଟକୁ ସ୍ଥାନାନ୍ତର କରାଯାଇଥିଲା। ୨୩ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣ ଗ୍ରହଣ ପରେ ଗୁରୁବାର ରାୟଗଡ଼ା ଜିଲା ଦୌରାଜଜ୍ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ ଏହି ଦଣ୍ଡାଦେଶ ଶୁଣାଇଥିଲେ। ସେହିପରି ଯୁବତୀଙ୍କୁ ହତ୍ୟା ପରେ ପିନ୍ଧିଥିବା ସୁନା ଅଳଙ୍କାରକୁ ସୁନାବେଡ଼ା ଥାନା ଅଞ୍ଚଳର କୈଳାସ ଚନ୍ଦ୍ର ବାଢ଼ୁଙ୍କୁ ବିକ୍ରି କରାଯାଇଥିଲା। ତେଣୁ ସୁନା କିଣିଥିବା କୈଳାସଙ୍କୁ ମଧ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଏ ନେଇ ସରକାରୀ ଓକିଲ ଅଜିତ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଜେକେ କାଗଜକଳ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



ରାୟଗଡ଼ା ଅଫିସ,୪।୮-

ରାୟଗଡ଼ା ଜିଲାରେ ଝାଡ଼ାବାନ୍ତି, ମ୍ୟାଲେରିଆକୁ ଏଡ଼ାଇବା ନିମନ୍ତେ ଜେକେ କମ୍ପାନୀ ଟାଉନ୍‌ଶିପ୍ ବିଭାଗ ପକ୍ଷରୁ ଶିବ ପ୍ରସାଦ ରଥଙ୍କ ନେତୃତ୍ୱରେ ଏକ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ଜେକେପୁର କଲୋନୀ, ବିଶି ରୋଡ଼, ଭେଙ୍କଟେଶ୍ୱର ମନ୍ଦିରରୁ ଦୁର୍ଗା ମନ୍ଦିର ଦୈନିକ ବଜାର, ମାଛ ବଜାର ପ୍ରଭୃତି ଅଞ୍ଚଳ ସଫେଇ କରିବା ସହ ବ୍ଲିଚିଂ ପାଉଡର ଦ୍ୱାରା ବିଶୋଧନ କରାଯାଇଛି। ନିକଟସ୍ଥ ଗ୍ରାମରେ ଯୁବବର୍ଗଙ୍କୁ ପରିବେଶ ସଫା ରିଖବା, ଫୁଟାପାଣି ବ୍ୟବହାର କରିବା, ଗରମ ଖାଦ୍ୟ ଖାଇବା, ମଶାରି ପକାଇ ଶୋଇବା ନିମନ୍ତେ ସଚେତନ କରାଯାଇଛି। ସେହିପରି ବ୍ଲିଚିଂ ପାଉଡର ଲୋକଙ୍କୁ ପ୍ରଦାନ କରାଯାଇଛି।


ସ୍ୱାଭିମାନ ଅଞ୍ଚଳର ଜାନବାଇ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ବିଜେଡି କର୍ମୀ ଓ ଅନନ୍ୟମାନେ।

## ପ୍ରଦୀପ ମାଝିଙ୍କ ସ୍ୱାଭିମାନ ଅଞ୍ଚଳ ଗସ୍ତ

ମାଲକାନଗିରି/ଚିତ୍ରକୋଣ୍ଡା, ୪।୮(ଡି.ଏନ୍.ଏ.)

**ରୋଗୀଙ୍କୁ ଉପଯୁକ୍ତ ସେବା, ଔଷଧ ଯୋଗାଇଦେବାକୁ ଡାକ୍ତରଙ୍କୁ ପରାମର୍ଶ**

ନବରଙ୍ଗପୁର ପୂର୍ବତନ ଏମ୍‌ପି ତଥା ରାଜ୍ୟ ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ପ୍ରଦୀପ ମାଝି ଗୁରୁବାର ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ଗସ୍ତ କରିଛନ୍ତି। ସେ ପ୍ରଥମେ ଜାନବାଇରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଯାଇଥିଲେ। ସେଠାରେ ରୋଗୀମାନଙ୍କ ସହ ସ୍ୱାସ୍ଥ୍ୟସେବା ସମ୍ବନ୍ଧରେ ଆଲୋଚନା କରିଥିଲେ। ବର୍ଷା ଋତୁରେ ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ଏବଂ ମାଗଣା ଔଷଧ ଯୋଗାଇଦେବା ପାଇଁ ସେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ ଦେଇଥିଲେ। ସେଠାରୁ ବାହାରି ସେ ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ସ୍ଥାନ ଗସ୍ତ କରିଥିଲେ। ସେ ସବୁ ଅଞ୍ଚଳର ରାସ୍ତାଘାଟ, ବିଜୁଳିସମସ୍ୟା, ଶିକ୍ଷା, ପାନୀୟ ଜଳ ସମ୍ବନ୍ଧରେ ଲୋକମାନଙ୍କରୁ ତଥ୍ୟ ସଂଗ୍ରହ କରି ଯେଉଁଠି ସମସ୍ୟା ଅଛି ତାହାର ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏମ୍‌ପିଙ୍କ ସହ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ମାଥିଲି ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ପଡିଆ ଜିଲା ପରିଷଦ ସଭ୍ୟା ସୁରଭି ବୌମିକ, ଯୁବନେତା ଚିତରଞ୍ଜନ ପଟ୍ଟନାୟକ, ରବି ରାଜେଶ, ଅଖିଲ ଭଦ୍ରା, ସୁମିତ ପୁଜାରୀ, ରାଜୁ ହନ୍ତାଳ, ପ୍ରସାଦ ଅନୁପାଲ, ଭୀମ ଖିଲ, ଅନନ୍ତ ଶିଶାଙ୍କ ସହ ଅନ୍ୟ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ନାଲ୍‌କୋ କର୍ମଚାରୀଙ୍କ ପରଲୋକ

ଦାମନଯୋଡି,୪।୮:

ଦାମନଯୋଡିର ନାଲକୋ ପ୍ରକଳ୍ପରେ ଚାର୍ଜମ୍ୟାନ (ଗ୍ରେଡ-୨) ରୂପେ କାର୍ଯ୍ୟ କରୁଥିବା ମହମ୍ମଦ ସୋହେଲ ଅଖତାରଙ୍କ ଗତ ସୋମବାର ରାତିରେ ପରଲୋକ ହୋଇଯାଇଛି। ବିଶାଖାପାଟଣାର ଏକ ହସ୍ପିଟାଲରେ କେମୋଥେରାପି ଚିକିତ୍ସା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସ୍ୱର୍ଗତ ଅଖତାର ନାଲକୋରେ ୨୦ବର୍ଷ ଧରି କାର୍ଯ୍ୟ କରୁଥିଲେ। ଗତ ପ୍ରାୟ ଦୁଇବର୍ଷ ହେଲା କୋଲୋନାଲ କ୍ୟାନସରରେ ପୀଡିତ ଥିଲେ। କେମୋଥେରାପି ପାଇଁ ପରିବାର ସହ କାର ଚଳାଇ ବିଶାଖାପାଟଣା ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ତାଙ୍କ ମୃତଦେହ ଗତକାଲି ତାଙ୍କ ନିଜଘର ଜାମସେଦପୁରର ଟାଟା ନଗର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଦାମନଯୋଡିରେ ତାଙ୍କ ଝିଅ ୧୦ମରେ ଓ ପୁଅ ଚତୁର୍ଥ ଶ୍ରେଣୀରେ ପଢୁଛନ୍ତି। ଏହି ଖବର ଜଣାପଡିବା ପରେ ସଂଘ କାର୍ଯ୍ୟାଳୟରେ ବୁଧବାର ଏକ ଶୋକସଭା ହୋଇଥିଲା। ସହକର୍ମୀ ମାନେ ସ୍ୱର୍ଗତ ଅଖତାରଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ଅଖତାର ଜଣେ ଦକ୍ଷ କର୍ମଚାରୀ, ବନ୍ଧୁ ବତ୍ସଳ ଓ ପରୋପକାରୀ ବ୍ୟକ୍ତି ଥିଲେ। ଶୋକ ସଭାରେ ସଂଘର ସଭାପତି କେ.ଚଣ୍ଡିପ୍ରସାଦ ରାଓଙ୍କ ସହିତ ସାଧାରଣ ସମ୍ପାଦକ ବିଶ୍ୱଜିତ ମିଶ୍ର, କାର୍ଯ୍ୟାଳୟ ସମ୍ପାଦକ ହିମାଂଶୁ ମିଶ୍ର, କାର୍ଯ୍ୟକାରୀ ସମ୍ପାଦକ ଲୋକନାଥ ନାୟକ, ନକୁଳ ଚରଣ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ବ୍ଲକ ପ୍ରତିଷ୍ଠା ନ ହେଲେ ଆନ୍ଦୋଳନ

ଆର.ଉଦୟଗିରି,୩।୮(ଡି.ଏନ.ଏ.)

ମୋହନା ବ୍ଲକ ଚନ୍ଦ୍ରଗିରି ପଞ୍ଚାୟତ ସଭା ଗୃହଠାରେ ମଙ୍ଗଳବାର ନୂତନ ବ୍ଲକ ପ୍ରତିଷ୍ଠା ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଗିରି ଅଞ୍ଚଳରେ ଥିବା ୧୩ ପଞ୍ଚାୟତକୁ ନେଇ ବ୍ଲକ ଗଠନ କରିବା ନିମନ୍ତେ ଦାବି କରିଛନ୍ତି। ବୈଠକରେ ୧୩ ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ ସହ ପୂର୍ବତନ ଜନ ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ସମସ୍ତ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ନେଇ ଏକ କମିଟି ଗଠନ ହୋଇଥିଲା। ଏଥିରେ ଯୁବ ସରପଞ୍ଚ ଝିଖରୀୟ ରଇତ କମିଟିର ସଭାପତି ହୋଇଥିବା ବେଳେ ଉପ ସଭାପତି ଭାବେ ଚନ୍ଦ୍ରଗିରି ସରପଞ୍ଚ ରଜନୀ କାନ୍ତ ପ୍ରଧାନ ହୋଇଛନ୍ତି। ଚନ୍ଦ୍ରଗିରିକୁ ବ୍ଲକ ଗଠନ କରିବା ନିମନ୍ତେ ଦୀର୍ଘ ୧୯୭୪ରୁ ପ୍ରୟାସ ଜାରି ରହିଛି। ଚନ୍ଦ୍ରଗିରିଠାରେ ଯେଉଁସବୁ ସୁବିଧା ଉପଲବ୍ଧ ଅଛି ତାହା ଏକ ବ୍ଲକ ହେଲେ ଅଞ୍ଚଳବାସୀ ସୁବିଧା ପାଇବା ସହ ପ୍ରଶାସନ ସୁବିଧାରେ ବ୍ଲକ ପ୍ରତିଷ୍ଠା କରିପାରିବେ ବୋଲି କମିଟିର ସଭାପତି ଝିଖରୀୟ ରଇତ କହିଛନ୍ତି। ଗତ ଦିନରେ ଜିଲାପାଳ ଚିଠି ମାଧମରେ ଯୁବ, କେଶରୀଗୁଡ଼ା, ବୃଡଙ୍ଗପୁର ଆଦି ପଞ୍ଚାୟତ ସରପଞ୍ଚ ମାନଙ୍କୁ ସୁନ୍ଦରଡ଼ାଙ୍ଗ ବ୍ଲକରେ ଯୋଡ଼ି ହେବା ପାଇଁ ମତଦେବାକୁ ଜଣାଇଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା

ଭଞ୍ଜନଗର,୪।୮(ଡି.ଏନ.ଏ.)

ଭଞ୍ଜନଗର ବ୍ଲକ ଡୁରୁମ ପଞ୍ଚାୟତ ବେରୁଆଁବାଡ଼ି ଗ୍ରାମରେ ରାତିରେ ଅଗ୍ନିକାଣ୍ଡ ଘଟି ୪ ପରିବାରର ପ୍ରାୟ ୧୦ ବଖରା ପୋଡି ପାଉଁଶ ହୋଇଯାଇଥିଲା। ଗ୍ରାମର ସନ୍ତୋଷ, ସୁଶାନ୍ତ, ପଞ୍ଚୁ ଓ ଅରୁଣ ଗୌଡ଼ଙ୍କ ଘର ଓ ସମ୍ପତି ପୋଡ଼ିଯାଇଛି।

## ସାବିତ୍ରୀବାଈ ଫୁଲେ ମହିଳା ବ୍ୟାଡ଼୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

ସୁନାବେଡ଼ା,୪।୮(ସ୍ୱ.ପ୍ର.)

ସୁନାବେଡ଼ା ହାଲ ଏସ୍‌ସି/ଏସଟି ଏମ୍ପ୍ଲୋଇଜ ଏବଂ ଅଫିସର ଆସୋସିଏଶନ ତରଫରୁ କ୍ରାନ୍ତି ଜ୍ୟୋତି ରାଷ୍ଟ୍ରମାତା ସାବିତ୍ରୀବାଇ ଫୁଲେ ମହିଳା ବ୍ୟାଡ ମିଣ୍ଟନ ଟୁର୍ନାମେଣ୍ଟର ଉଦଯାପନ ଉତ୍ସବ ଇନଡୋର ବ୍ୟାଡମିଣ୍ଟନ ହଲରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ଦମୟନ୍ତ ମିନ୍ଧା ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ହାଲ ହସପିଟାଲ ସ୍ୱାସ୍ଥ୍ୟସେବାର ମୁଖ୍ୟ ଡା. ସଞ୍ଜୟ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟର ଚମ୍ପିୟନ ଦଳ ଅବନ୍ତିକା ଖରା ଏବଂ ସବିତା ମିଶ୍ରଙ୍କୁ ଟ୍ରଫି ଏବଂ ରନର୍ସଅପ ଦଳର ଭି. ରାଧା ଏବଂ ଅପରାଜିତା ମହାପାତ୍ରଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ଼ା. ଜଗଦୀଶ ଚନ୍ଦ୍ର ବେହେରା, ହାଲ ହସପିଟାଲର ବରିଷ୍ଠ ଚିକିତ୍ସାଧିକାରୀ ଡ଼ା. ଅମିୟ ବେହେରା, ହାଲ ଏଚ ଏ ଇଏର ସାଧାରଣ ସମ୍ପାଦକ ଶିବାଜୀ କହଁର, ହାଲ ଅଫିସର୍ ଆସୋସିଏସନର କୋଷାଧକ୍ଷ ପୌଲ ପ୍ରମୋଦ ଲାକ୍ରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହିଳା ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରଜତ ଦାସ ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ।ଆସୋସିଏଶନର ସାଙ୍ଗଠନ ସମ୍ପାଦକ ଚନ୍ଦନ ସିଂ, ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ସେଠୀ, କ୍ରୀଡା ସଂପାଦକ ଡେପୁଟି ନେଟି, ସାଂସ୍କୃତିକ ସମ୍ପାଦିକା କଳ୍ପନା ମାଝି, ବଳରାମ ଚମ୍ପିଆ, ବିମଳ ମୁଣ୍ଡା, ସୁଭାଷ ସେଠୀ, ଟିକେଶ୍ୱର କିଶାନ, ସାନୁ ମୁଣ୍ଡା, ସୁଧାମୟ ତନ୍ତୀ, କାଳିଆ ବେହେରା, ମହେନ୍ଦ୍ର କିଣ୍ଡୋ,ମନୋଜ ସିକା , ମନୋଜ କୁଜୁର, ମହାଦେବ ଡଙ୍ଗରି ମହିଳା ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ପରିଚାଳନା ରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



# ରାୟଗଡ଼ା ଜିଲାରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା

ରାୟଗଡ଼ା ଅଫିସ,୪।୮

**ଆକାଂକ୍ଷା ଜିଲ୍ଲା କେନ୍ଦ୍ରୀୟ ପ୍ରଭାରୀ, ଭୂତଳ ଜଳ ବୋର୍ଡର ବୈଜ୍ଞାନିକଙ୍କ ଗସ୍ତ**


ଅଧିକାରୀମାନେ ଏସ୍‌ଏଚ୍‌ଜି ମହିଳାଙ୍କ ସହ ଆଲୋଚନା କରୁଛନ୍ତି ।

କେନ୍ଦ୍ରୀୟ ଆକାଂକ୍ଷା ଜିଲା ପ୍ରଭାରୀ ଜି. ଶ୍ରୀନିବାସ, ଭୂତଳ ଜଳ ବୋର୍ଡର ବୈଜ୍ଞାନିକ ଆର.କେ.ବର୍ମା ୨ ଦିନିଆ ରାୟଗଡ଼ା ଜିଲ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୁଧବାର ଜିଲାର କୋଲନରା ବ୍ଲକ ଥେରୁବାଲି ଦକ୍ଷତା ବିକାଶ କେନ୍ଦ୍ର, କାର୍ତ୍ତିଗୁଡ଼ା ପଞ୍ଚାୟତ ରେଲିପଦର ଗ୍ରାମର ଅମୃତ ସରୋବର ପରିଦର୍ଶନ କରିଥିଲେ। ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ରେଲିପଦର ଗ୍ରାମର ଜଳ ଜୀବନ ମିଶନ ପରିଦର୍ଶନ କରିଥିଲେ। ସେଠାରୁ ପାଇକ ପଦର ଗସ୍ତ କରି ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ଡୁମୁରିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଗୋପୀ କାଙ୍କୁବାଡ଼ି ଗ୍ରାମକୁ ଯାଇ ପାଇପ ଯୋଗେ ଜଳ ଯୋଗାଣ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ବଡ଼ ଖିଲାପଦର ପଞ୍ଚାୟତ ଅନ୍ତର୍ଗତ କରାଗାଡ଼ି ଗ୍ରାମକୁ ଯାଇ ଜୀବିକା ମିଶନ କାର୍ଯ୍ୟକ୍ରମ ଅନୁଧ୍ୟାନ କରି ପ୍ରଶଂସା କରିଥିଲେ। ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ, ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ଅଶୋକ କଲ୍ୟାଣ ମଣ୍ଡପ ଠାରେ କରାଯାଇଥିବା ଜଳ ଅମଳ ପ୍ରକଳ୍ପ ପରିଦର୍ଶନ କରିଥିଲେ। କୁମୁଡୁଲପେଟା ସ୍ଥିତ ଉଗ୍ରତାରା ୫-ଟି ବିଦ୍ୟାଳୟ ବୁଲି ଶିକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଦ୍ୱିତୀୟ ଦିନରେ ଗୁରୁବାର ରାମନାଗୁଡ଼ା ବ୍ଲକର ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କରୁବାଇ ଗ୍ରାମର ଜଳ ଅମଳ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହାପରେ ରାମନାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ପାରିଖଇଟି ପଞ୍ଚାୟତ ଖିଲାପଦର ଗ୍ରାମରେ ନିର୍ମିତ ଅମୃତ ସରୋବର ପୋଖରୀ ପରିଦର୍ଶନ କରିଥିଲେ। ଏହାପରେ ବ୍ଲକ କାର୍ଯ୍ୟାଳୟ ପରିସରରେ କରାଯାଇଥିବା ଜଳ ଅମଳ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହାପରେ ସୋରିଷପଦର ଗ୍ରାମରେ ହୋଇଥିବା ମତ୍ସ୍ୟଚାଷ ପରିଦର୍ଶନ କରିଥିଲେ। ଶେଷରେ ବାଙ୍ଗିଛକରେ କରାଯାଇଥିବା ପାମ୍‌ଅଏଲ ଚାଷକୁ ଯାଇ ପରିଦର୍ଶନ କରିଥିଲେ।

କ୍ଷେତ୍ର ପରିଦର୍ଶନରେ ପ୍ରଭାରୀ ଅଧିକାରୀଙ୍କ ସହ ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ଦେସିଂ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ରବିନାରାୟଣ ତ୍ରିପାଠୀ, ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। କ୍ଷେତ୍ର ପରିଦର୍ଶନ ପରେ ଅପରାହ୍ନରେ ଜିଲା ପରିଷଦ ସଭାଗୃହରେ ସମୀକ୍ଷା ବୈଠକ ହେଇଥିଲା। ଏଥିରେ ପ୍ରଭାରୀ ଅଧିକାରୀ ଯୋଗଦେଇ ଜିଲାର ବିଭିନ୍ନ ବିଭାଗୀୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜିଲାପାଳ ଜିଲାର ଉନ୍ନତି ଓ ବିକାଶ ପଥରେ କାର୍ଯ୍ୟକାରୀ କରାଯାଉଥିବା ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ଏଥିରେ ସ୍ୱାସ୍ଥ୍ୟସେବା, ଆଇସିଡିଏସ୍, ସମାଜ କଲ୍ୟାଣ, ଶିଶୁ ସୁରକ୍ଷା, ଦକ୍ଷତା ବିକାଶ, କୃଷି, ପ୍ରାଣୀ ଚିକିତ୍ସା, ଶିକ୍ଷା ବ୍ୟବସ୍ଥା ଓ ଗମନାଗମନ ଇତ୍ୟାଦି ବିଷୟରେ ସମୀକ୍ଷା କରି ସନ୍ତୋଷ ପ୍ରକାଶ କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଅଧିକ ଯତ୍ନବାନ ହୋଇ ଯୋଜନାର ସଫଳ ରୂପାୟନରେ ନିଜ ଦାୟିତ୍ୱ ତୁଲାଇବାକୁ ପରମର୍ଶ ଦେଇଥିଲେ।

## ସଂକ୍ଷେପରେ

### ପାଟଖଲିଆ ସ୍କୁଲର ୭ଜଣଙ୍କୁ କରୋନା

ଚନ୍ଦାହାଣ୍ଡି,୪।୮ (ଡି.ଏନ୍.ଏ.)-ଚନ୍ଦାହାଣ୍ଡି ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଗତ ସପ୍ତାହରେ ୧୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ବୁଧବାର ପାଟଖଲିଆ ସ୍କୁଲରୁ ୫ ଜଣ ଛାତ୍ର ଏବଂ ୨ ଜଣ ଶିକ୍ଷକ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିଭଳି ହଳଦୀ ଗ୍ରାମରୁ ଜଣେ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି। ପ୍ରତିଦିନ ଚନ୍ଦାହାଣ୍ଡିରୁ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ପାଲଟିଛି। ପନ୍ଦର ଦିନ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ପଜିଟିଭ ଚିହ୍ନଟ ହୋଇଥିବାରୁ କୋଭିଡ୍ କଟକଣାକୁ କଡ଼ାକଡ଼ି କରିବା ଦିଗରେ ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ଟି.କେ. ପ୍ରସାଦ ଡାବୁଗାଁ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି



ପାପଡାହାଣ୍ଡି,୪।୮ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଭାବେ ପାପଡ଼ାହାଣ୍ଡି ବ୍ଲକ ପିତାଗିଗୁଡାର ଟି.କେ. ପ୍ରସାଦ ବିଷୋୟୀ ମନୋନୀତ ହୋଇଛନ୍ତି। ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ଏ ନେଇ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି। ଏହାପରେ ଟି.କେ. ପ୍ରସାଦ ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା, ପୂର୍ବତନ ବିଧାୟକ ଭୁଜବଳ ମାଝି, ପୂର୍ବତନ ବିଧାୟକ ସଦନ ନାୟକ, ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝି, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଜିଲା ଯୁବ କଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ରଙ୍କ ସମେତ ଜିଲା ଓ ଡାବୁଗା ନିର୍ବାଚନମଣ୍ଡଳୀର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣେଇଛନ୍ତି। ଆଗାମୀ ଦିନରେ ଡାବୁଗାଁ ନିର୍ବାଚନମଣ୍ଡଳୀରେ ନିଷ୍ଠାପର ସହ କାମ କରି ସଂଗଠନ ସୁଦୃଢ଼ କରିବାକୁ ଚେଷ୍ଟା କରିବି। ଡାବୁଗାଁ ନିର୍ବାଚନମଣ୍ଡଳୀର ଲୋକସେବା ସହ କଂଗ୍ରେସ ଦଳକୁ ମଜଭୁତ କରିବି ବୋଲି ଟି.କେ. ପ୍ରସାଦ କହିଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ପାପଡ଼ାହାଣ୍ଡି/ମୈଦଲପୁର,୪।୮ (ଡି.ଏନ୍.ଏ.)- ପାପଡ଼ାହାଣ୍ଡି ବ୍ଲକ ସାନବାର୍ଲି ପଞ୍ଚାୟତ ବଡ଼ବାର୍ଲି ଗ୍ରାମରେ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ତେନ୍ତୁଳି ଗଛରୁ ବାହାର କରାଯାଇଛି। ତାଙ୍କ ନାମ ମାଲିଙ୍ଗ ଜାନି। ସେ ତାଙ୍କ ବୃଦ୍ଧ ବାପାଙ୍କ ସହ ରହୁଥିଲେ। ଗାଁ ନିକଟ ତେନ୍ତୁଳିଗଛରୁ ମୃତଦେହ ଦେଖି ତାଙ୍କ ବାପା ସନୁ ଥାନାରେ ଏତଲା ଦେବା ପରେ ଥାନାଧିକାରୀ ରାମେଶ୍ୱର ପ୍ରଧାନ, ଏଏସ୍‌ଆଇ ଲାବଣ୍ୟ ବିମଲ, ଏଏସ୍‌ଆଇ ଡି.ଦେବୀ କୁମାର ସେଠାରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। କେସ୍ ନମ୍ବର ୧୧/୨୨ରେ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ସ୍ତ୍ରୀ ଛାଡ଼ି ଚାଲିଯିବା ଓ ଗତ ବର୍ଷ ମା' ଙ୍କୁ ହରାଇବା ପରେ ମାଲିଙ୍ଗଙ୍କ ମାନସିକ ଅବସ୍ଥା ଠିକ୍ ନ ଥିଲା। ମାନସିକ ଭାରସାମ୍ୟ ହରାଇ ସେ ବେକରେ ଦୌଡ଼ି ଦେଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

### ସିମେଣ୍ଟ ବୋଝେଇ ଟ୍ରକରେ ନିଆଁ

ପାପଡାହାଣ୍ଡି/ମୈଦଲପୁର,୪।୮ (ଡି.ଏନ୍.ଏ.)- ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତର ୨୬ ନମ୍ବର ଜାତୀୟ ରାଜପଥର ପୋଲିସ ଫାଣ୍ଡି ନିକଟରେ ଏକ ଚଳନ୍ତା ଟ୍ରକରେ ନିଆଁ ଲାଗିଯାଇଛି। ଟ୍ରକରୁ ଧୂଆଁ ବାହାରୁଥିବା ଦେଖି ଡ୍ରାଇଭର ଗାଡ଼ିକୁ ରାସ୍ତା ପାର୍ଶ୍ୱରେ ରଖିଥିଲେ। ଡ୍ରାଇଭର ଗ୍ରାମବାସୀଙ୍କ ସହାୟତାରେ ନିକଟରେ ଥିବା ତ୍ରିନାଥ ପଟ୍ଟନାୟକଙ୍କ ଘରୁ ପାଇପ୍ ଯୋଗେ ପାଣି ଆଣି ନିଆଁ ଲିଭାଇଥିଲେ। ପ୍ରକାଶ ଯେ, ଏକ ଟ୍ରକ (ଓଡ଼ି-୧୪ଏଲ୍-୦୦୯୨)ରେ ରାଜଗାଙ୍ଗପୁରରୁ ସିମେଣ୍ଟ ବୋଝେଇ କରି ଡ୍ରାଇଭର ବୋରିଗୁମ୍ମାକୁ ଯାଉଥିଲେ। କୌଣସି କାରଣରୁ ଚକ ନିକଟରୁ ଧୂଆଁ ବାହାରୁଥିଲା। ଡ୍ରାଇଭର ଉପସ୍ଥିତ ବୁଦ୍ଧି ଖଟାଇ ଫାଣ୍ଡି ନିକଟ ଖାଲିଥିବା ସ୍ଥାନରେ ରଖି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଲିଭାଇଥିଲେ।

# ଜଳନମୁନା ସଂଗ୍ରହ, ସ୍ୱାସ୍ଥ୍ୟ ପରୀକ୍ଷା କଲା ମେଡିକାଲ ଟିମ୍

**ତୁଳସୀପଦର ଝାଡ଼ାବାନ୍ତି ବ୍ୟାପିବା ଘଟଣା**

- ଦୂଷିତ ପାଣି ପିଇ ଝାଡ଼ାବାନ୍ତି ହୋଇଥିବା ଏଡିଏମ୍‌ଓଙ୍କ ସୂଚନା
- ସଚେତନତା, ବଟିକା ବଣ୍ଟନ

ପାପଡାହାଣ୍ଡି,୪।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତ ଝାଡ଼ାବାନ୍ତି ବ୍ୟାପିଥିବା ଗାଁ ତୁଳସୀପଦର ଗ୍ରାମରେ ଗୁରୁବାର ଏଡିଏମ୍‌ଓ ଡା. ମଳୟ ରଞ୍ଜନ ତ୍ରିପାଠୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଜଳ ନମୁନା ସଂଗ୍ରହ କରାଯାଇଛି।

ଏଡିଏମ୍‌ଓ ଏବଂ ମେଡିକାଲ ଟିମ୍ ଲୋକଙ୍କୁ ଗରମ ପାଣି ପିଇବା, ହାତ ସାବୁନରେ ଧୋଇବା, ନଳକୂପ ସଫା ରଖିବାକୁ ପରାମର୍ଶ ଦେଇଛନ୍ତି। ଡାକ୍ତରୀ ଦଳ ଗାଁର ପ୍ରତ୍ୟେକ ଘରକୁ ଯାଇ ସମସ୍ତଙ୍କୁ ଆଇରନ ବଟିକା ଦେବା ସହ ସଫାସୁତୁରା ରହିବା, ମଇଳା ଜମିଥିବା ଜାଗାକୁ ସଫା କରିବାକୁ ଡା. ମଳୟ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯିବା ସହ ଗ୍ରାମର ବିଭିନ୍ନ ସ୍ଥାନରେ ବ୍ଲିଚିଂ ପକାଯାଇଛି। ଗାଁରେ ଥିବା ୨ଟି ନଳକୂପ ଓ ନାଳପାଣିକୁ ପରୀକ୍ଷା କରିବାକୁ ନିଆଯାଇଛି। ଦୂଷିତ ପାଣି ବ୍ୟବହାର କରି ଝାଡ଼ାବାନ୍ତି ବ୍ୟାପିଛି। ବୁଧବାର ଗାଁରୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରହିଥିବା ୮ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ଅଛି। ଗ୍ରାମରେ ଏକ ଡାକ୍ତରୀ ଦଳ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଗାଁରେ ଡାକ୍ତରୀ ଦଳ ଆଉ ୫ରୁ ୬ଦିନ ରହି ଲୋକଙ୍କ ଚିକିତ୍ସା କରିବେ ବୋଲି ଏଡିଏମ୍‌ଓ କହିଛନ୍ତି।



ଅଧିକାରୀମାନେ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ପତଞ୍ଜଳୀ ଯୋଗ ପୀଠ ପକ୍ଷରୁ ଜଡ଼ିବୁଟି ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଉମରକୋଟ, ୪।୮(ସ୍ୱ.ପ୍ର.)

ପ୍ରାକୃତିକ ସମ୍ପଦକୁ ସୁରକ୍ଷିତ କରିବା ଓ ପରିବେଶ ସଂରକ୍ଷଣ କରିବା ଉଦ୍ଦେଶ୍ୟରେ ଉମରକୋଟରେ ପତଞ୍ଜଳି ଯୋଗ ପୀଠ ପକ୍ଷରୁ ବାଳକ୍ରିଷ୍ଣ ଜୀଙ୍କ ଜନ୍ମଦିନ ଅବସରରେ ଗୁରୁବାର ଜଡ଼ିବୁଟି ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଉମରକୋଟସ୍ଥିତ ମା' ପେଣ୍ଡ୍ରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଔଷଧୀୟ ଚାରାରୋପଣ କରାଯାଇଛି। ଏହି ଅବସରରେ ମନ୍ଦିର ପରିଚାଳନା କମିଟି ସଭାପତି ପି. ରାବଣା ରାଓ, ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନାୟକ, ପତଞ୍ଜଳି ଭାରତ ସ୍ୱାଭିମାନ ଟ୍ରଷ୍ଟ ନବରଙ୍ଗପୁର ଜିଲା ସଭାପତି ଅଶୋକ ପ୍ରଧାନ, ବିଶ୍ୱ ହିନ୍ଦୁ ପରିଷଦ ଜିଲା ସଭାପତି କୃପାରାମ ସାହୁ, ଉମରକୋଟ ପତଞ୍ଜଳି ତହସିଲ ପ୍ରଭାରୀ ଝାଡେଶ୍ୱର ମହାରଣା, ଅଶୋକ ପାତ୍ର, ନିଗମ ସାହୁ, ଜି, ହୃଷୀକେଶ ରାଓ, ରମେଶ ଦାସ, ରଞ୍ଜନ ଦାସ, ପଙ୍କଜ ଠାକୁର, ୩ ନଂ. ୱାର୍ଡ କାଉନସିଲର ମନୋଜ କୁମାର ନାୟକ, ସୁରେଶ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗଜପତି ଛକରେ ପ୍ରାୟ ୮୦୦ ଔଷଧୀୟ ଚାରା ବଣ୍ଟନ କରାଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ଅଶୋକ କୁମାର ପ୍ରଧାନ ପରିଚାଳନା କରିଥିଲେ।

# ସ୍କୁଲରେ ପହଞ୍ଚିଲା ମେଡିକାଲ ଟିମ୍, ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ଦଲେଇଗୁଡ଼ା ଏସ୍ଏସ୍‌ଡି ବାଳିକା ହାଇସ୍କୁଲରେ ଛାତ୍ରୀ ଅସୁସ୍ଥ ଘଟଣା**

ପାପଡ଼ାହାଣ୍ଡି,୪।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଲେଇଗୁଡ଼ା ଏସ୍ଏସ୍‌ଡି ବାଳିକା ହାଇସ୍କୁଲର ୧୪ଜଣ ଛାତ୍ରୀ ବୁଧବାର ଅସୁସ୍ଥ ହେବାପରେ ଜିଲା ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶରେ ୨ଟି ମେଡିକାଲ ଟିମ୍ ଗୁରୁବାର ସ୍କୁଲରେ ପହଞ୍ଚି ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି। ସ୍କୁଲର ୨୩୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୧୬୭ ଜଣଙ୍କ ମ୍ୟାଲେରିଆ ଓ ୬୯ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଛି। ଆର୍‌ବିଏସ୍‌କେ ସହ ନବରଙ୍ଗପୁରରୁ ଏକ ଟିମ୍ ଆଶା, ଏଏନ୍ଏମ୍‌ମାନଙ୍କ ସହଯୋଗରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଭିଡିଟିଏସ୍ କାହ୍ନୁଚରଣ ଛଟେଇ, ଭିଭିଡି ଦିନେଶ ପ୍ରହରାଜ, ଫାର୍ମାସିଷ୍ଟ ସମୀର ପାତ୍ର ଓ ସ୍ୱାସ୍ଥ୍ୟକର୍ମୀ ଚନ୍ଦନ ପାତ୍ର ପ୍ରମୁଖ ଏହି ଟିମ୍‌ରେ ରହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଦେଷ୍ଣା ପ୍ରଧାନ ଓ ସହଶିକ୍ଷକ ଅଭିମନ୍ୟୁ ପାଣିଗ୍ରାହୀ ଉପସ୍ଥିତ ରହି ସହଯୋଗ କରିଥିଲେ। ବୁଧବାର ଝାଡ଼ାବାନ୍ତରେ ଆକ୍ରାନ୍ତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଗୁରୁତର ରୀତା ଭତରା ଓ ରୀତା ହରିଜନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ସନ୍ଧ୍ୟାରେ ନବରଙ୍ଗପୁର ସିଡିଏମ୍‌ଓ କାଳିଚରଣ ବେହେରା ବିଦ୍ୟାଳୟରେ ପହଞ୍ଚି ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସୂଚନାଯୋଗ୍ୟ, ବୁଧବାର ବିଦ୍ୟାଳୟର ୧୨ ଜଣଙ୍କୁ ଥଣ୍ଡା କାଶ ହୋଇଥିବା ବେଳେ ୨ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଥଣ୍ଡାକାଶ ଆକ୍ରାନ୍ତଙ୍କୁ ଔଷଧ ଦିଆଯାଇ ପଠାଯାଇଥିଲା।

### ସାପ କାମୁଡ଼ାରେ ଯୁବକ ମୃତ

କୋଷାଗୁମୁଡା, ୪।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଉକିଆପାଲି ପଞ୍ଚାୟତର ନୂଆଗୁଡା ଗ୍ରାମରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ପୀତମ ବିନ୍ଧାଣି(୪୦)। ସୂଚନାନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଘରେ ଶୋଇଥିବା ସମୟରେ ପୀତମଙ୍କୁ ସାପ କାମୁଡିଥିଲା। ଏହାପରେ ପୀତମଙ୍କୁ ସଙ୍ଗେ ସଙ୍ଗେ ପରିବାର ଲୋକେ କୋରାପୁଟ ଜିଲା କୋଟପାଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ପୀତମଙ୍କ ମୃତ୍ୟୁ ଘଟିଛି। କୋଟପାଡରେ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ କୋଷାଗୁମୁଡା ଥାନାରେ ୮/୨୨ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ବଡ ଅମ୍ବଡ଼ା ଏଏସ୍‌ଆଇ ସୂଚନା ଦେଇଛନ୍ତି।

# ତାଲାଭାଙ୍ଗି ୧୫ ଭରି ସୁନା, ଲକ୍ଷେରୁ ଊର୍ଦ୍ଧ୍ୱ ଟଙ୍କା ଚୋରି

ନବରଙ୍ଗପୁର, ୪।୮(ବି.ପ୍ର.)

ନବରଙ୍ଗପୁର ସଦର ମୈତ୍ରୀ ବିହାରର ସୁରେଶ ଚନ୍ଦ୍ର ମିଶ୍ରଙ୍କ ଘରେ ବୁଧବାର ଚୋରି ହୋଇଛି। ପରିବାର ଲୋକଙ୍କ ଅନୁପସ୍ଥିତିରେ ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଘର ଭିତରେ ପଶି ଗୋଦ୍‌ରେଜରେ ଥିବା ୧୫ ଭରି ସୁନା ଓ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇଯାଇଥିବା ସୁରେଶ ଅଭିଯୋଗ କରିଛନ୍ତି। ସଦର ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ବୁଧବାର ସନ୍ଧ୍ୟାରେ ସୁରେଶ ଚନ୍ଦ୍ର ମିଶ୍ର ସ୍ତ୍ରୀଙ୍କ ସହ ନବରଙ୍ଗପୁର ସହର ଗୌଡ଼ ସାହିସ୍ଥିତ ନିଜ ଭାଇ ଘରକୁ ଯାଇଥିଲେ। ରାତିରେ ଫେରିବା ବେଳକୁ ଘରର ତାଲା ଭଙ୍ଗାଯାଇଥିବା ଦେଖି ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘରର ଗୋଦ୍‌ରେଜ ଭଙ୍ଗାଯାଇଥିବା ଦେଖିଥିଲା। ସେଥିରେ ଥିବା ପ୍ରାୟ ୧୫ ଭରି ସୁନା ଓ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରମାନେ ନେଇଯାଇଥିବା ସୁରଶ କହିଛନ୍ତି। ଗୁରୁବାର ପୋଲିସ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ନେଇ ତଦନ୍ତ ଆରମ୍ଭ କରିଛି। କେତେକ ସ୍ଥାନର ସିସି କ୍ୟାମେରା ଫୁଟେଜକୁ ଆଧାର କରି ଚୋରକୁ ଠାବ କରିବା ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ନବରଙ୍ଗପୁର ସଦର ଥାନାରେ ୩୯୩/୨୨ରେ ଏକ ମାମଲା ରୁଜୁ କରାଯାଇଛି। ପ୍ରକାଶ ଯେ, ସପ୍ତାହକ ମଧ୍ୟରେ ନବରଙ୍ଗପୁର ସହରର ୪ଟି ସ୍ଥାନରେ ଚୋରି ହୋଇଥିବାବେଳେ ପୋଲିସର ହାତ ଏବେ ସୁଦ୍ଧା ଖାଲି। ନବରଙ୍ଗପୁର ସଦର ଥାନାରେ ବାରମ୍ବାର ଏଭଳି ଘଟୁଥିଲେ ମଧ୍ୟ ପୋଲିସ ଜଣଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରିପାରିନାହିଁ। ଏହାକୁ ନେଇ ଲୋକଙ୍କ ମନରେ ଭୟ ଓ ଅସନ୍ତୋଷ ଦେଖାଦେଇଛି।

# ସୁରୁଖୁରୁରେ ଋଣ ଯୋଗାଣ, ଆଦାୟ ନେଇ ଆଲୋଚନା

**ସମବାୟ ସମିତିର ଡାଇରେକ୍ଟରଙ୍କ ପ୍ରଥମ ବୈଠକ**

ରାଇଘର, ୪।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ସମବାୟ ସମିତି ନବନିର୍ବାଚିତ ଡାଇରେକ୍ଟରମାନଙ୍କୁ ନେଇ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସମବାୟ ସମିତି କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ଲାମ୍ପ୍‌ସ ସଭାପତି ରାଇସିଂ ଗଣ୍ଡ ସଭାପତିତ୍ୱ କରିଥିଲେ। ଉପସଭାନେତ୍ରୀ ନୀଳାବତୀ ହନ୍ତାଳ ଓ ପରିଚାଳନା ନିର୍ଦ୍ଦେଶକ ନିରାକାର ରାଉତ ମଞ୍ଚାସୀନ ଥିଲେ। ଏହି ବୈଠକରେ ଚଳିତ ବର୍ଷର ଖରିଫ ଋଣକୁ ନେଇ ଆଲୋଚନା ହୋଇଥିଲା। ଚଳିତ ବର୍ଷର ଟାର୍ଗେଟଠାରୁ ମାତ୍ର ୩୫ ପ୍ରତିଶତ ପ୍ରଦାନ କରାଯାଇଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଚାଷୀ କିଭଳି ଋଣ ପାଇବେ ଏବଂ ଋଣ ଆଦାୟ କିଭଳି ହେବ ଏ ନେଇ ଆଲୋଚନା ହୋଇଥିଲା। ଫେଡେରେଶନଠାରୁ କିଭଳି ଅଧିକ ୟୁରିଆ ସାର ଆସିବ ଏବଂ ଖୁଚୁରା ଚାଷୀ କିଭଳି ଭାବେ ସାର ପାଇବେ ସେ ନେଇ ଆଲୋଚନା ହୋଇଥିଲା। ଗୋନା, ହାଟଭରାଣ୍ଡି, ରାଇଘର, ଯୋଡିଙ୍ଗା, ମହଣ୍ଡ ଆଦି ପଞ୍ଚାୟତରେ ଚାଲୁଥିବା ମଣ୍ଡି ପାଇଁ ସ୍ଥାୟୀ ସରକାରୀ ଜାଗା ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହି ଅବସରରେ ଡାଇରେକ୍ଟରମାନଙ୍କ ମଧ୍ୟରୁ ରଘୁ ଗଣ୍ଡ, ପରମେଶ୍ୱର ଶ୍ରୀବାସ୍ତବ, ଚିତ୍ତରଞ୍ଜନ ଗଣ୍ଡ, ହରେନ୍ଦ୍ରସିଂ ସିଙ୍ଘର, ଦେବେନ୍ଦ୍ର ମିଶ୍ର, ସୁଶୀଲ କୁମାର ବର୍ମନ, ଚନ୍ଦନ ସିଂ ଗଣ୍ଡ, ବିଗମ ବାଈ ଗଣ୍ଡ, ମାଳତୁ ଗଣ୍ଡ, ରାମବିଳାସ ଗଣ୍ଡ, ବିନ୍ଦ ବାଈ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ତ୍ରୁଟିବିହୀନ ବିହନ ସାର ଯୋଗାଣ ନିର୍ଦ୍ଦେଶ

**ଜିଲାସ୍ତରୀୟ ନୋଡାଲ ବୈଠକ**

ନବରଙ୍ଗପୁର,୪।୮(ବି.ପ୍ର.)

ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ନୋଡାଲ ବୈଠକ ଜିଲା ପଞ୍ଚାୟତ ସାଧନା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଇଛି। ଏଥିରେ କୃଷକ ପଞ୍ଜୀକରଣ, ୟୁରିଆ ସାର, ବିହନ ଯୋଗାଣ, ଅଙ୍ଗନୱାଡି କେନ୍ଦ୍ର ପରିଚାଳନା, ଅମୃତ ସରୋବର ପ୍ରକଳ୍ପ, ଶିକ୍ଷା ବ୍ୟବସ୍ଥା,୫-ଟି ସ୍କୁଲ, ସ୍ୱାସ୍ଥ୍ୟସେବା ସମ୍ପର୍କରେ ଜିଲାପାଳ ସମୀକ୍ଷା କରିଥିଲେ। ବିଶେଷକରି ନୋଡାଲ ଅଧିକାରୀମାନେ ପଞ୍ଚାୟତ ବୁଲି ସମସ୍ତ କାର୍ଯ୍ୟ ତଦାରଖ କରି ସବିଶେଷ ତଥ୍ୟ ଜିଲାପାଳଙ୍କୁ ଜଣାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ କୃଷକଙ୍କ ପାଇଁ ଆବଶ୍ୟକ ବିହନ ସାର ଯୋଗାଣରେ ଯେପରି କୌଣସି ତ୍ରୁଟି ନ ହୁଏ ସେଥିପାଇଁ ଯଥେଷ୍ଟ ଧ୍ୟାନଦେବାକୁ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଆଇଟିଡିଏ ପିଏ ଅଭିମନ୍ୟୁ ମାଝି, ଜିଲା ଜରୁରିକାଳୀନ ଅଧିକାରୀ ମୌସୁମୀ ନାୟକ, ଉପଜିଲାପାଳ ପ୍ରଶାନ୍ତ କୁମାର ରାଉତ, ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ଉପ ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ଟାଲିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ପେଞ୍ଚାକ ସିଲାଟରେ ହରିଶ ରେଫରି

ନବରଙ୍ଗପୁର,୪।୮(ବି.ପ୍ର.)

ଜୁଲାଇ ୨୦ ରୁ ୩୧ତାରିଖ ପର୍ଯ୍ୟନ୍ତ ମାଲେସିଆର ମେଲାକ ସହରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପେଂଚାକ ସିଲାଟ ପ୍ରତିଯୋଗିତାରେ ଓଡ଼ିଶାର ନବରଙ୍ଗପୁର ଜିଲା ଗାନ୍ଧୀନଗରର ହରିଶ ଚନ୍ଦ୍ର ବେହେରା ରେଫରି କାର୍ଯ୍ୟ ତୁଲାଇଛନ୍ତି। ଓଡ଼ିଶାରୁ ଏକମାତ୍ର ରେଫରିଭାବେ ତାଙ୍କୁ ମନୋନୀତ କରାଯାଇଛି। ସେ ମାଲେସିଆରୁ ଫେରିବା ପରେ ଜିଲା କ୍ରୀଡ଼ା ସଂଘ ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଜିଲାପାଳ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସୂଚନାନୁଯାୟୀ, ହରିଶଙ୍କ ମାଲେସିଆ ଗସ୍ତ ପାଇଁ ୨ଲକ୍ଷ ଟଙ୍କାର ଆବଶ୍ୟକ ଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ୧୦ହଜାର, ଷ୍ଟେଟ ବ୍ୟାଙ୍କ ପକ୍ଷରୁ ୧୦ହଜାର, ମଙ୍ଗଳମ୍ ଟିମ୍ବର ପକ୍ଷରୁ ୫ହଜାର, ଉମରକୋଟ ଯାଦବ ମାଝି ସାମାଜିକ ସାଂସ୍କୃତିକ ପରିଷଦ ପକ୍ଷରୁ ୧୦, ନବରଙ୍ଗପୁର ପୌରାଧକ୍ଷ କୁନୁ ନାୟକଙ୍କ ସମେତ ସାଙ୍ଗସାଥୀ ଆର୍ଥିକ ସହାୟତା ଦେଇଥିଲେ। ତାଙ୍କ ସଫଳତା ପରେ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଏମ୍. ବାଲା କୃଷ୍ଣ ରାଓ, ସହସମ୍ପାଦକ ମନୋଜ ପଟ୍ଟନାୟକ, ଓକିଲ ସଂଘର ସମ୍ପାଦକ ରାମପ୍ରସାଦ ପାତ୍ର, ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ଅଧ୍ୟାପକ ଅଖିଳ ଭଞ୍ଜ, ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର ସାହୁ, ସାମାଜିକ କର୍ମୀ ସୂର୍ଯ୍ୟନାରାୟଣ ଲେଙ୍କା, ନୀଳମାଧବ ପାତ୍ର, ବଡିବିଲ୍ଡିଂ ସଂଘ ସମୀର ପାତ୍ର, ପେଂଚାକ ସିଲାଟ ସଂଘ ସଭାପତି ଦୀପକ ସାହୁ, ଉପଦେଷ୍ଟା ଜଗନ୍ନାଥ ବେହେରା, ଚନମୟ ପାଳ, ସାନୁ ହରିଜନ, ରମାନନ୍ଦ ସତ୍‌ନାମୀଙ୍କ ସମେତ ଜିଲାର କ୍ରୀଡ଼ାବିତମାନେ ଶୁଭେଚ୍ଛା ଜଣାଇଛନ୍ତି।



ଜିଲାପାଳ କମଳଲୋଚନ ମିଶ୍ର ହରିଶଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ବନ୍ୟପ୍ରାଣୀ ସପ୍ତାହରେ ଚିତ୍ରାଙ୍କନ ପ୍ରତିଯୋଗିତା

ଉମରକୋଟ, ୪।୮(ସ୍ୱ.ପ୍ର.)

ଉମରକୋଟ ବନ ବିଭାଗ ତରଫରୁ ୬୮ ତମ ବନ୍ୟପ୍ରାଣୀ ସପ୍ତାହ ସ୍ଥାନୀୟ ଡାକବଙ୍ଗଳାରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ କଳିଙ୍ଗ ବିଦ୍ୟାପୀଠ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଏସ୍ଏଏସ୍ ବାଲ୍ ମନ୍ଦିର, ସଦାଶିବ ସୁକୁମାର ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇଥିଲେ। ଜୁନିୟର ବିଭାଗରେ ବିହଙ୍ଗ ଓ ଆମ ପରିବେଶ ଓ ସିନିୟର ବିଭାଗରେ ବନ୍ୟପ୍ରାଣୀଙ୍କ ସହାବସ୍ଥାନ ଉପରେ ଚିତ୍ର ଆଙ୍କିବାକୁ କୁହାଯାଇଛି। ସମସ୍ତ ଚିତ୍ର ଜିଲାସ୍ତର ଓ ସେଠାରୁ ସର୍କଲସ୍ତରକୁ ଯିବ। ସେଠାରେ ମନୋନୀତ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଉମରକୋଟ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ଯଥାକ୍ରମେ ୫ ହଜାର, ୩ ହଜାର ଓ ୨ ହଜାର ଟଙ୍କା ପୁରସ୍କାର ରାଶି ମିଳିବ। ଏହି ଚିତ୍ରାଙ୍କନ ପ୍ରତିଯୋଗିତା ସକାଳ ୧୦.୩୦ରୁ ଆରମ୍ଭ ହୋଇ ୧୨.୩୦ ପର୍ଯ୍ୟନ୍ତ ଚାଲିଥିଲା।



ପିଲାମାନେ ଚିତ୍ର ଆଙ୍କୁଛନ୍ତି।

# ଡାକ୍ତର ଅଭାବରୁ ଚନ୍ଦାହାଣ୍ଡିରେ ଭୁଶୁଡ଼ିପଡିଛି ସ୍ୱାସ୍ଥ୍ୟସେବା

- ବ୍ଲକରେ ନାହାନ୍ତି ଆବଶ୍ୟକ ସଂଖ୍ୟକ ଡାକ୍ତର
- ସ୍ୱାସ୍ଥ୍ୟସେବା ପାଇଁ ଉମରକୋଟ, ନବରଙ୍ଗପୁର, ଧର୍ମଗଡ଼ ଉପରେ ନିର୍ଭର କରୁଛନ୍ତି ଲୋକେ

ଚନ୍ଦାହାଣ୍ଡି, ୪।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାର ଶେଷମୁଣ୍ଡରେ ତଥା ଜିଲା ମୁଖ୍ୟାଳୟରୁ ୧୨୨ କିମି ଦୂରରେ ଅବସ୍ଥିତ ଚନ୍ଦାହାଣ୍ଡି ବ୍ଲକ ପ୍ରତି ଜିଲା ସ୍ୱାସ୍ଥ୍ୟ ବିଭାଗର ଅବହେଳା ଚରମ ସୀମାରେ ପହଞ୍ଚିଛି। ଏଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪ଟି ପିଏଚ୍‌ସିରେ ଆବଶ୍ୟକ ସଂଖ୍ୟକ ଡାକ୍ତର ଅଭାବ ହେତୁ ଏଠାରେ ସ୍ୱାସ୍ଥ୍ୟସେବା ଏକରକମ ଭୁଶୁଡ଼ି ପଡ଼ିଛି। ଲୋକେ ଏବେ ସ୍ୱାସ୍ଥ୍ୟସେବା ପାଇଁ ଧର୍ମଗଡ଼, ଉମରକୋଟ ଓ ନବରଙ୍ଗପୁର ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଡାକ୍ତର ନିଯୁକ୍ତି ନ ହେଲେ ଜନ ଆନ୍ଦୋଳନ ହେବାର ଆଶଙ୍କା ରହିଛି।

ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତତ୍କାଳୀନ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ସଂଗ୍ରାମ କେଶରୀ ସାହୁ ଓ ଅନ୍ୟ ୨ଜଣ ଡାକ୍ତର ପିଜି ପଢିବାକୁ ଅନ୍ୟତ୍ର ଚାଲି ଯାଇଛନ୍ତି। ତାଙ୍କ ସ୍ଥାନରେ କାହାକୁ ମଧ୍ୟ ସମ୍ପୂର୍ଣ୍ଣ ଭାବେ ମେଡିକାଲ୍ ଅଫିସର ଦାୟିତ୍ୱ ଦିଆଯାଇ ନ ଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହେଉଥିବା ବିଭିନ୍ନ ପ୍ରକାର ସଚେତନତାମୂଳକ କାର୍ଯ୍ୟକ୍ରମ ଓ ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନାହିଁ। ଅନ୍ୟପକ୍ଷରେ ଦୀର୍ଘ ଦିନ ହେବ ଏଠାରେ ରହିଥିବା ବିଭିନ୍ନ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡି ରହିଥିବା ବେଳେ ଏ ଦିଗରେ ଜିଲା ସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଲୋକେ ସୁଦୂର ଧର୍ମଗଡ଼, ଉମରକୋଟ ଓ ନବରଙ୍ଗପୁର ଡାକ୍ତରଖାନା ଉପରେ ନିର୍ଭର କରୁଛନ୍ତି। ଅନ୍ୟପକ୍ଷରେ ଚନ୍ଦାହାଣ୍ଡି ବ୍ଲକର ବେହେରା ମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ନିଯୁକ୍ତ ହୋଇ ଆସିଥିବା ଡାକ୍ତର କାଳନ୍ଦୀ ବେହେରାଙ୍କୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଅନ୍ୟତ୍ର ନେଇ ଯିବା ନେଇ ମସୁଧା ଚଳାଇ ଥିବାବେଳେ ଏଠାରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଯଦି ବେହେରାମୁଣ୍ଡା ଡାକ୍ତରଙ୍କୁ ପୁନଶ୍ଚ ଚନ୍ଦାହାଣ୍ଡିକୁ ପଠା ନ ଯାଏ, ତେବେ ଜନ ଆନ୍ଦୋଳନ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରୁଛି। ସେହିଭଳି ଏଠାରେ ଆବଶ୍ୟକ ସଂଖ୍ୟକ ଲ୍ୟାବ୍ ଟେକ୍ନିସିଆନ୍ ନ ଥିବାରୁ ଦୀର୍ଘ ଦିନ ହେବ ଏକ୍ସରେ ମେଶିନ ଆସି ଖତଖାଉଛି। ଯାହା ଫଳରେ ଲୋକେ ସାଧାରଣ ଏକ୍ସରେ ନିମନ୍ତେ ଧର୍ମଗଡ଼ ଉମରକୋଟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଗଲେଣି। ଏଭଳି ବହୁ ସମସ୍ୟାରେ ପରିପୂର୍ଣ୍ଣ ଚନ୍ଦାହାଣ୍ଡି ବ୍ଲକ୍‌ର ସ୍ୱାସ୍ଥ୍ୟସେବା ପ୍ରତି ବିଭାଗ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

